ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ବିଶ୍ୱ ନାରିକେଳ ଦିବସ

# 'ନଡ଼ିଆ ଚାଷୀଙ୍କୁ ବୀମାଭୁକ୍ତ କରାଯିବାର ଆବଶ୍ୟକତା ରହିଛି'

## 'ନଡ଼ିଆର ଉତ୍ପାଦକତା ବୃଦ୍ଧି ଓ ମୂଲ୍ୟଯୁକ୍ତ କରିବା ଦିଗରେ ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ଜରୁରୀ'

ଭୁବନେଶ୍ୱର, ୦୨/୦୯/୨୦୧୯

ଦେଶର ଜିଡ଼ିପିରେ ଓ କୃଷି କ୍ଷେତ୍ରର ଅବଦାନରେ ନଡ଼ିଆ ଚାଷ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିଛି । ଦେଶରେ ନଡ଼ିଆ ଚାଷ କରାଯାଉଥିବା ଚାଷ ଜମିର ପରିମାଣ ବୃଦ୍ଧି ସହିତ ଏହାର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଉପରେ ପ୍ରାଥମିକତା ଦିଆଯାଉଛି ବୋଲି କେନ୍ଦ୍ର କୃଷି  ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମାର କହିଛନ୍ତି ।

ଆଜି ଅପରାହ୍ନରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ନାରିକେଳ ବିକାଶ ବୋର୍ଡ ଦ୍ୱାରା ଆୟୋଜିତ ୨୧ତମ ବିଶ୍ୱ ନାରିକେଳ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ତୋମାର କହିଲେ ଯେ ଦେଶରେ ଏକ କୋଟିରୁ ଅଧିକ ଚାଷୀ ନଡ଼ିଆ ଚାଷ ଉପରେ ଜୀବିକା ନିର୍ବାହ କରନ୍ତି । ନଡ଼ିଆ ଚାଷକୁ ସୁଦୃଢ଼ କରିବା ପାଇଁ ନାରିକେଳ ବିକାଶ ବୋର୍ଡ ଦ୍ୱାରା ଚାଷୀମାନଙ୍କୁ ନୂତନ ଜ୍ଞାନକୌଶଳ, ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ନଡ଼ିଆ ଚାଷୀମାନେ କୃଷକ ଉତ୍ପାଦକ ସଂଗଠନ ଗଠନ ଯୋଗୁଁ ବହୁଳ ଭାବରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ତୋମାର ମତବ୍ୟକ୍ତ କରିଥିଲେ । ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ନଡ଼ିଆ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

ବୈଠକରେ ଅଧ୍ୟକ୍ଷତା କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଲେ ଯେ ରାଜ୍ୟରେ ନଡ଼ିଆ ଚାଷ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଓଡ଼ିଶାର ଜଳବାୟୁ ନଡ଼ିଆ ଚାଷ ପାଇଁ ଅନୁକୂଳ ହୋଇଥିଲେ ହେଁ ରାଜ୍ୟକୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡୁଛି । ଏଣୁ ନଡ଼ିଆ ଚାଷ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ନଡ଼ିଆ ଚାଷୀଙ୍କୁ ବୀମାଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ବିଗତ ଭୟଙ୍କର ଫନି ବାତ୍ୟାରେ ରାଜ୍ୟର ନଡ଼ିଆ ଚାଷୀ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ କ୍ଷତିଗ୍ରସ୍ତ ନଡ଼ିଆ ଗଛ ପିଛା ୫୦୦ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ନାରିକେଳ ବିକାଶ ବୋର୍ଡ ଦ୍ୱାରା ଓଡ଼ିଶାର ନଡ଼ିଆ ଚାଷୀମାନଙ୍କୁ ଅଧିକରୁ ଅଧିକ ନଡ଼ିଆ ଚାରା ଯୋଗାଇଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ ।

ଫନି ବାତ୍ୟାରେ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୭୯୩୦ ହେକ୍ଟର ଜମିରେ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଛି । ଏଥି ସହିତ ନଡ଼ିଆ ଓ ପଇଡ଼ ପାଣି ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ ହିତକର ବୋଲି କହିବା ସହ ମନ୍ତ୍ରୀ ଡ. ସାହୁ ନଡ଼ିଆରୁ ବିଭିନ୍ନ ପ୍ରକାରର ଖାଦ୍ୟ ଦ୍ରବ୍ୟ ଓ ତେଲ ପ୍ରସ୍ତୁତ କରାଯାଇ ଏହାର ମୂଲ୍ୟ ବୃଦ୍ଧି କରି ନଡ଼ିଆ ଚାଷୀମାନଙ୍କର ଆୟକୁ ବୃଦ୍ଧି କରିବା ଦିଗରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି କହିଥିଲେ । ନାରିକେଳ ବିକାଶ ବୋର୍ଡ ଦ୍ୱାରା ଓଡ଼ିଶାରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ । ନଡ଼ିଆର ଉତ୍ପାଦକତା ବୃଦ୍ଧି ଓ ମୂଲ୍ୟଯୁକ୍ତ କରିବା ଦିଗରେ ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ ।

ପ୍ରାରମ୍ଭରେ ନାରିକେଳ ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ଶ୍ରୀମତୀ ଉଷାରାଣୀ ନାରିକେଳ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ଉତ୍ସବରେ ଭୁବନେଶ୍ୱର (ଉତ୍ତର) ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ଭାରତ ସରକାରଙ୍କ କୃଷି ସଚିବ ଶ୍ରୀ ସଂଜୟ ଅଗ୍ରୱାଲ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ନାରିକେଳ ବିକାଶ ବୋର୍ଡର ଉପାଧ୍ୟକ୍ଷ ଡ. ବିଶ୍ୱନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, କୃଷି, ସମବାୟ ଏବଂ କୃଷକ କଲ୍ୟାଣ ବିଭାଗର ଏଏସ୍ ଆଣ୍ଡ ଏଫ୍ ଏ ଶ୍ରୀ ବି. ପ୍ରଧାନଙ୍କ ସମେତ ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୫୦୦ରୁ ଉର୍ଦ୍ଧ୍ୱ ନଡ଼ିଆ ଚାଷୀ ଯୋଗ ଦେଇଥିଲେ । ଉତ୍ସବରେ ନଡ଼ିଆ ଉତ୍ପାଦକ ସମିତି, ନଡ଼ିଆ ଚାଷୀ ଏବଂ ନଡ଼ିଆ ଉତ୍ପାଦକ ଫେଡେରେସନ୍ ଓ କମ୍ପାନୀର ପ୍ରତିନିଧିମାନେ ସେମାନଙ୍କର ନଡ଼ିଆ ଚାଷ ସଂପର୍କିତ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ ।

ଏହି ଅବସରରେ ନଡ଼ିଆ ଚାଷ ସମ୍ବନ୍ଧୀୟ ଓଡ଼ିଆ, ଇଂରାଜୀ ଓ ହିନ୍ଦୀରେ ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ତୋମାର ଉଦ୍‌ଘାଟନ କରିଥିଲେ । ଏଥିରେ ୧୫ଟି ଉଦ୍ୟୋଗ ପକ୍ଷରୁ ନଡ଼ିଆ ଏବଂ ଏଥିରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଉତ୍ସବ ଅବସରରେ ଆୟୋଜିତ ଏକ ବୈଷୟିକ କର୍ମଶାଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଏସ୍.ସି. ସାହୁ ଏବଂ ଏମସ୍‌ର ଆସୋସିଏଟ୍ ପ୍ରଫେସର ଡ. ଅମିତ ଘୋଷ ପ୍ରମୁଖ ଯୋଗଦେଇ 'ନଡ଼ିଆ ଚାଷର ପଦ୍ଧତି ଏବଂ ସ୍ୱାସ୍ଥ୍ୟ ପାଇଁ ଏହାର ଉପଯୋଗିତା' ସଂପର୍କରେ ଆଲୋଚନା କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ